# ବାରମ୍ବାର ପଚରା ଯାଉଥିବା ପ୍ରଶ୍ନ ଓ ଏହାର ଉତ୍ତର

**ପ୍ରଶ୍ନ .୧- ରୋଗପୋକ ସର୍ବେକ୍ଷଣ କଣ ?**

**ଉତ୍ତର** . ସର୍ବେକ୍ଷଣ ଯୋଗୁ ରୋଗପୋକ ର ଆଗମନ ,ତୀବ୍ରତା ବ୍ୟାପ୍ତି ବିଷୟରେ ଓ ଫସଲରେ ଥିବା ମୁଖ୍ୟ ରୋଗ , ପୋକ, ବାଲୁଙ୍ଗା ଓ ଅନାନ୍ୟ ଅନୁଜୀବ ମାନଙ୍କର ଅବସ୍ଥିତି ଜଣାପଡେ ।

**ପ୍ରଶ୍ନ .୨ - କେତେ ପ୍ରକାର ରୋଗପୋକ ସର୍ବେକ୍ଷଣ ଅଛି ?**

**ଉତ୍ତର** .୩ ପ୍ରକାର ଯଥା- ସ୍ଥିରିକୃତ କ୍ଷେତ୍ର ସର୍ବେକ୍ଷଣ ,ଯଦୃଚ୍ଛା ,କ୍ଷେତ୍ର ସର୍ବେକ୍ଷଣ ଓ ଭ୍ରାମ୍ୟମାଣ ସର୍ବେକ୍ଷଣ

**ପ୍ରଶ୍ନ .୩ – ଆମେ କେତେବଡ଼ ସ୍ଥିରିକୃତ କ୍ଷେତ୍ର ନେବା ?**

**ଉତ୍ତର** .ଅମେ ଏକ ଏକର (୪୦୦୦ sq.mtr) ସ୍ଥିରିକୃତ କ୍ଷେତ୍ର ନେବା।

**ପ୍ରଶ୍ନ .୪ -ଗୋଟିଏ ସ୍ଥିରିକୃତ କ୍ଷେତ୍ରରେ କେତୋଟି କ୍ଷେତ୍ର ନେବା ?**

**ଉତ୍ତର** .ଗୋଟିଏ ସ୍ଥିରିକୃତ କ୍ଷେତ୍ରରେ ୫ଟି କ୍ଷେତ୍ର ନେବା ।

**ପ୍ରଶ୍ନ .୫- ଆମ ରାଜ୍ୟରେ କେଉଁ କେଉଁ ଫସଲରେ ରୋଗପୋକ ସର୍ବେକ୍ଷଣ ହେଉଛି ।**

**ଉତ୍ତର** . ଆମ ରାଜ୍ୟରେ ଧାନ ,,ଆଖୁ,,କପା,ହରଡ, ମୁଗ, ବିରି, ଚିନାବାଦାମ ଓ ସୋରିଷ ଫସଲରେ ରୋଗପୋକ ସର୍ବେକ୍ଷଣ ହେଉଛି ।

**ପ୍ରଶ୍ନ .୬** -ଏହି ଇ-ରୋଗପୋକ ସର୍ବେକ୍ଷଣରେ କେଉଁ କେଉଁ ସଂସ୍ଥା ଆମକୁ ସହଯୋଗ କରୁଛନ୍ତି ?

**ଉତ୍ତର** .ଭାରତ ସରକାରଙ୍କର ସମନ୍ବିତ ରୋଗପୋକ ପରିଚାଳନା ସଂସ୍ଥା , କୀଟତତ୍ତ୍ୱ ବିଭାଗ ,ଓଡିଶା କୃଷି ବୈଷୟିକ ବିଶ୍ୱବିଦ୍ୟାଳୟ , ଗଛ ନିଦାନ ବିଭାଗ , ଓଡିଶା କୃଷି ବୈଷୟିକ ବିଶ୍ୱବିଦ୍ୟାଳୟ , ରାଷ୍ଟ୍ରୀୟ ଧାନ ଗବେଷଣା କେନ୍ଦ୍ର ଓ ରାଷ୍ଟ୍ରୀୟ ସୂଚନା ପ୍ରଯୁକ୍ତି ସଂସ୍ଥା ଆମକୁ ସହଯୋଗ କରୁଛନ୍ତି ।

**ପ୍ରଶ୍ନ .୭. ଖରିଫ ଓ ରବି ଋତୁରେ ସର୍ବେକ୍ଷଣର ଅବଧି ?**

**ଉତ୍ତର** . ଖରିଫ- ଜୁଲାଇ ଠାରୁ ନଭେମ୍ବର ରବି – ଡିସେମ୍ବର ଠାରୁ ଏପ୍ରିଲ

**ପ୍ରଶ୍ନ .୮-ଦିନକୁ ଜଣେ ପୋକ ସର୍ବେକ୍ଷଣ କରୁଥିବା ଲୋକଟି କେତୋଟି ଗ୍ରାମ ସର୍ବେକ୍ଷଣ କରିପାରିବ ?**

**ଉତ୍ତର** . ଗୋଟିଏ ଦିନରେ ୨ଟି ଗ୍ରାମ ସର୍ବେକ୍ଷଣ କରିପାରିବ ।

**ପ୍ରଶ୍ନ .୯- ସର୍ବେକ୍ଷଣ ସପ୍ତାହକୁ କେତୋଟି ଦିନ ହେବ ?**

**ଉତ୍ତର** . ଗ୍ରାମ ପଞ୍ଚାୟତକୁ ଗୋଟିଏ ମାନ ଦଣ୍ଡ ନେଇ ୪ ଦିନ ସପ୍ତାହକୁ ସର୍ବେକ୍ଷଣ କରିବ । ଏଗୁଡିକ ହେଲା ସୋମବାର ,ମଙ୍ଗଳବାର ,ବୁଧବାର ଓ ଗୁରୁବାର ।

**ପ୍ରଶ୍ନ ·୧୦- ସର୍ବେକ୍ଷଣ ମାନଦଣ୍ଡର ରୂପରେଖ କଣ ?**

**ଉତ୍ତର** · ଗୋଟିଏ ଗ୍ରାମ ପଞ୍ଚାୟାତକୁ ୮ ଭାଗରେ ବିଭକ୍ତ କରା ଯାଇ ପ୍ରତ୍ୟେକ ଭାଗରେ ୨ଟି ଗ୍ରାମ ଗୋଟିଏ ମାନଦଣ୍ଡ ଯାହାକୁକି ଗୋଟିଏ ଦିନରେ ସର୍ବେକ୍ଷଣ କରାଯିବ ।

**ପ୍ରଶ୍ନ ·୧୧- ସର୍ବେକ୍ଷଣ କରୁଥିବା ଲୋକ ଦ୍ୱାରା ସର୍ବେକ୍ଷଣ କିପରି କରାଯିବ ?**

**ଉତ୍ତର** · ରୋଗପୋକ ସର୍ବେକ୍ଷଣ କରୁଥିବା ଲୋକଟି ଗୋଟିଏ ଗ୍ରାମରେ ଗୋଟିଏ ସ୍ଥିରିକୃତ କ୍ଷେତ୍ର ଓ ୨ଟି ଯଦୃଚ୍ଛା କ୍ଷେତ୍ର କରିବ । ଏହି ପରି ଦିନକୁ ୨ଟି ଗ୍ରାମ ପ୍ରଦିକ୍ଷଣ କରିବ । ଯାହା ଦ୍ୱାରା ୨ଟି ସ୍ଥିରିକୃତ କ୍ଷେତ୍ର ଓ ୪ଟି ଯଦୃଚ୍ଛା କ୍ଷେତ୍ର ପ୍ରଦିକ୍ଷଣ କରିବ ।

**ପ୍ରଶ୍ନ ·୧୨- ରୋଗପୋକର ସର୍ବେକ୍ଷଣରେ କେଉଁ କେଉଁ ଯନ୍ତ୍ରର ବବ୍ୟହାର କରାଯାଏ ଓ ଏହାର ନାମ କଣ ?**

**ଉତ୍ତର** ·ସାଧାରଣତଃ ସଙ୍ଗ ଆକର୍ଷକ ଯନ୍ତା , ସ୍ୱୀପ ନେଟ, ସ୍କୋୟାର ମିଟର ଫ୍ରେମ, ଜଳ ପାତ୍ର, ଅଠାଳିଆ ଯନ୍ତା, ଓ ଆଲୋକ ଜନ୍ତା ବବ୍ୟହାର କରାଯାଏ ।

**ପ୍ରଶ୍ନ ·୧୩-କେଉଁ ଅଧିକାରୀ ଇ- ରୋଗପୋକ ସର୍ବେକ୍ଷଣର ଅଧିକାରୀ ?**

**ଉତ୍ତର** · ଉପ କୃଷି ନିର୍ଦ୍ଦେଶକ (ଶସ୍ୟ ସଂରକ୍ଷଣ) ଅଧିକାରୀ ଇ- ରୋଗପୋକ ସର୍ବେକ୍ଷଣର ଅଧିକାରୀ ଅଟନ୍ତି ।

**ପ୍ରଶ୍ନ ·୧୪- ରୋଗପୋକର ସର୍ବେକ୍ଷଣରେ କେଉଁ କେଉଁ ପଦାର୍ଥର ଆବଶ୍ୟକତା ଅଛି ।**

**ଉତ୍ତର** · ମାନବ ଶକ୍ତି ,ଯାତାୟତ ସୁବିଧା, ସ୍ମାର୍ଟ ଫୋନ, ଯନ୍ତ୍ରପାତି ଇତ୍ୟାଦି ରୋଗପୋକ ସର୍ବେକ୍ଷଣ ପାଇଁ ଆବଶ୍ୟକତା ଅଛି ।

**ପ୍ରଶ୍ନ ·୧୫- ପୋକ ଛାଡି ଅନ୍ୟ କଣ କଣ ସର୍ବେକ୍ଷଣ କରିବା ଦରକାର ?**

**ଉତ୍ତର** · ୧- ପ୍ରକୃତି ମିତ୍ର ( ପରଭୋଜୀ ,ପରଜୀବୀ )

୨- କ୍ଷେତ୍ରର ଅବସ୍ଥିତି

୩- କ୍ଷେତ୍ରରେ ଜଳର ମାତ୍ରା ( ବନ୍ୟାପ୍ଲାବିତ ,କାଦୁଆ, ଶୁଖିଲା )

୪- ଜଳବାୟୁ ( ଖରା ,ମେଘୁଆ , ବିଜୁଳି , ବର୍ଷା )

୫- ଫସଲ କିସମ ( ଦେଶୀ , ଉନ୍ନତ , ଶଙ୍କର )